## ସଂକ୍ଷେପରେ

### ଘାଟିରେ କାର୍ ଦୁର୍ଘଟଣା



ଜୟପୁର,୧୯।୬(ନି.ପ୍ର./ଡି.ଏନ୍.ଏ.): କୋରାପୁଟ ଘାଟିରେ ବୁଧବାର ଅପରାହ୍ନ ୫ଟାରେ ସ୍ୱିଫ୍ଟ ଡିଜାଏର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେମିଳିଗୁଡ଼ାରୁ ଜୟପୁର ଅଭିମୁଖେ ଆସୁଥିବା ଏହି କାର (ଓଡି ୧୦ସି ୮୦୦୫) ୨୬ ନଂ ଜାତୀୟ ରାଜପଥର ଘାଟିରାସ୍ତାରେ ନିୟନ୍ତ୍ରଣ ହରାଇ ଡ୍ରେନ୍ ପାଖକୁ ଓଲଟି ପଡ଼ିଥିଲା। କିନ୍ତୁ ଏଥିରେ କେହି ମୃତ ଆହତ ହୋଇ ନଥିବା ଜଣାପଡ଼ିଛି। ସୌଭାଗ୍ୟବଶତଃ ଗାଡ଼ିରେ ଥିବା ଡ୍ରାଇଭର ଓ ୩ ଜଣ ଯାତ୍ରୀ ବର୍ତ୍ତିଯାଇଛନ୍ତି। କିନ୍ତୁ କାର୍‌ଟି କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପାଇଁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଜୟପୁର ସଦର ଥାନା ପୋଲିସ ସେଠାରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା।

### ବିଧାୟକ ପ୍ରଭୁ ଜାନିଙ୍କୁ ସମ୍ବର୍ଦ୍ଧନା



ଦଶମନ୍ତପୁର,୧୯।୬ (ଡି.ଏନ.ଏ.): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡାଗଡ ପଞ୍ଚାୟତରେ ନବନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଉପସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋଇଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ବିଧାୟକ ପ୍ରଭୁ ଜାନିଙ୍କୁ ପ୍ରଥମେ ସ୍ଥାନୀୟ ହାଟପଦାରୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମାଞ୍ଚଳ ପରିକ୍ରମା କରାଯାଇଥିଲା। ଢେମସାର ତାଳେ ତାଳେ ବିଜେଡି ନେତା, ୧୬ଟି ପଞ୍ଚାୟତର ଦଳୀୟ କର୍ମୀ ଓ ଜନସାଧାରଣ ସାମିଲ ହୋଇଥିଲେ। ପରେ ଆୟୋଜିତ ବୈଠକରେ ଜନସାଧାରଣଙ୍କ ଉନ୍ନତି ସହ ପଞ୍ଚାୟତ ଏବଂ ବ୍ଲକ୍‌ର ଉନ୍ନତି ମୋର ଏକମାତ୍ର ଲକ୍ଷ୍ୟ ବୋଲି ବିଧାୟକ ଜାନି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କ ପାଖକୁ ଯାଇ ସହାୟତାର ହାତ ବଢାଇବା ପାଇଁ ଜିଲା ଉପସଭାପତି ବିଶୋଇ ବିଜେଡି ନେତା ଓ କର୍ମୀଙ୍କୁ ଅନୁରୋଧ କରିଥିଲେ।

### ବସ୍ତିରେ ପାଇପ ପାଣି ଯୋଗାଇବାକୁ ଦାବିପତ୍ର



ଜୟପୁର,୧୯।୬(ଡି.ଏନ୍.ଏ./ନି.ପ୍ର.) ଜୟପୁର ସହରର ବସ୍ତି ଅଞ୍ଚଳରେ ପିଇବା ପାଣି ପାଇଁ ପାଇପ ଜଳ ଯୋଗାଣ କରିବା ଲାଗି ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ ହେଉ। ନଗର ଭାଜପା ସଭାପତି ଅମରଲାଲ ଆହୁଜାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିରଞ୍ଜୀବୀ ମାହାଲିଙ୍କୁ ଭେଟି ଏଭଳି ଦାବି ଜଣାଇଛନ୍ତି। ସହରର ବାପୁଜୀ ନଗର ଅଞ୍ଚଳରେ ୨ଟି, ଗୋପବନ୍ଧୁ ନଗରରେ ୩ଟି, ଓଡ଼ିଆ ମେଦ୍ରିସାହିରେ ୨ଟି, ଜୟନଗର ଭୂମିଆ ସାହିରେ ୨ଟି ଷ୍ଟାଣ୍ଡପୋଷ୍ଟ ସ୍ଥାପନା କରାଯିବା ସହ ପାଇପ ମାଧ୍ୟମରେ ଜଳ ଯୋଗାଣ କରିବା ପାଇଁ ଦାବି କରାଯାଇଛି। ଏହି ଅଞ୍ଚଳର ବାସିନ୍ଦା ଗରିବ ଶ୍ରେଣୀର ହୋଇଥିବା ଯୋଗୁ ସେମାନେ ପାଣି ସହଜ ସୁଲଭ ଭାବେ ପାଇବା ପାଇଁ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରାଯିବା ଆବଶ୍ୟକ ବୋଲି ପ୍ରତିନିଧି ଦଳ କହିଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ବାହିନୀପତି, ସୁଧାଂଶୁ ଶେଖର ଜେନା, ଗୌର ଦାସ ଓ ଲକ୍ଷ୍ମୀନାରାୟଣ ପାଢ଼ୀ ଉପସ୍ଥିତ ଥିଲେ।

# ଗ୍ରାମସଭାରେ ନାଲ୍‌କୋକୁ ମିଳିତ ବିରୋଧ

## ବକ୍ସାଇଟ୍ ପାହାଡ଼କୁ କମ୍ପାନୀ ହାତରେ ଟେକିଦେବାକୁ ରାଜି ନୁହଁନ୍ତି ପଞ୍ଚାୟତବାସୀ

ପଟ୍ଟାଙ୍ଗି,୧୯।୬(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ସେରୁବନ୍ଧ ବକ୍ସାଇଟ୍ ପାହାଡ଼ ଖୋଳାକୁ ନେଇ ପ୍ରତିବାଦ ତେଜୁଛି। ବ୍ଲକର ମାଳିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଗ୍ରାମସଭାରେ ଉପସ୍ଥିତ ନେତାଙ୍କଠାରୁ ଆରମ୍ଭ କରି ବିପକ୍ଷବାଦୀ ଓ ପଞ୍ଚାୟତ ବାସିନ୍ଦା ନାଲ୍‌କୋକୁ ବିରୋଧ କରିଛନ୍ତି। ନାଲ୍‌କୋକୁ ବିରୋଧ କରି ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି ସେରୁବନ୍ଧ ସୁରକ୍ଷା ସମିତି ଓ ବ୍ଲକ କଂଗ୍ରେସ କମିଟି ସଭାପତି ନୃସିଂହନାଥ ବେହେରା। ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନାଲକୋକୁ ସେରୁବନ୍ଧ ଓ ପଞ୍ଚପଟ୍ଟମାଳି ବକ୍ସାଇଟ ଖଣି ଟେକିଦେବା ପାଇଁ ହୀନ ପ୍ରୟାସକୁ ଦାବିପତ୍ରରେ ବିରୋଧ କରାଯାଇଛି।

ସୂଚନା ଅନୁଯାୟୀ, ମାଳିପୁଟ ସରପଞ୍ଚ ଜୟନ୍ତୀ ଚପାଡିଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିଣତ କରିବା



ଗ୍ରାମସଭାରେ ଉପସ୍ଥିତ ଥିବା ପଞ୍ଚାୟତବାସୀ ।

ପାଇଁ ଗ୍ରାମସଭା ବସିଥିଲା। କିନ୍ତୁ ଏହାକୁ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଏମ୍‌ପି ପ୍ରତିନିଧି ଚିନ୍ଦୁ ଦାଶ, ବାବୁଲା ବେନିଆ, ବଳରାମ ବାରିକ, ଚୈତନ୍ୟ ନନ୍ଦବାଲି, ରଞ୍ଜିତ ପାଙ୍ଗି, ସେରୁବନ୍ଧ ସୁରକ୍ଷା ସମିତିର ସଭାପତି ଭଗବାନ ଗୋଲରି, ଦୋରା ମହାସଂଘ ଜିଲା ସଭାପତି ବୈଦ୍ୟନାଥ ଗେମେଲ, କୋରାପୁଟିଆ ଜନ ସୁରକ୍ଷା ସମିତି ଉପସଭାପତି ଦାସି ନନ୍ଦିବାଲି, ହାଲ୍ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି, ମାଳି ପର୍ବତ ସୁରକ୍ଷା ସମିତିର ପୂର୍ଣ୍ଣ ଜାନି, ଦଶରଥ ଖିଲ ବିରୋଧ କରିଥିଲେ। ଜୟରାମ ପାଙ୍ଗି କହିଥିଲେ ଯେ, ସେରୁବନ୍ଧ ବକ୍ସାଇଟ ପାହାଡ଼କୁ ହାତେଇବା ପାଇଁ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ପୋଲିସ ସହ ହାତ ମିଶାଇ ନାଲକୋ ଯୋଜନାବଦ୍ଧ ପ୍ରୟାସ ଆରମ୍ଭ କରିଛି। ନାଲକୋ ଉକ୍ତ ବକ୍ସାଇଟ୍‌କୁ ହାତେଇ ଅନ୍ୟ କମ୍ପାନୀକୁ ବିକ୍ରି କରିବା ଚକ୍ରାନ୍ତକୁ ଆମେ ପ୍ରଶ୍ରୟ ଦେବୁନାହିଁ। ଓଏମ୍‌ସି ଓ ମୈତ୍ରୀ କମ୍ପାନୀ ପୋଲିସର ଆଶ୍ରୟ ନେଇ ଅଞ୍ଚଳବାସୀଙ୍କୁ ଭୟ ଦେଖାଉଛି। ନିଜ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମି ପରିଣତ କରିବା ନାଁରେ କରାଯାଉଥିବା ଗ୍ରାମସଭାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଶାସକ ଦଳର କୌଣସି ନେତା ଏଥିରେ ଉପସ୍ଥିତ ନଥିଲେ। ସରକାରୀ ଅଧିକାରୀ ଭାବେ ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ରାଜସ୍ୱ ନିରୀକ୍ଷକ କୈଳାସ ଗାଦବା ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବାକର ପୁରୋହିତ ସଭା ପରିଚାଳନା କରିଥିଲେ।



କୋରାପୁଟସଦରସ୍ଥିତ ଚନ୍ଦନ ପୋଖରୀରେ ମକ୍‌ଡ୍ରିଲ କରାଯାଉଛି ।

# ଚନ୍ଦନ ପୋଖରୀରେ ମକ୍‌ଡ୍ରିଲ

କୋରାପୁଟ,୧୯।୬(ସ୍ୱ.ପ୍ର.)

ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବୁଧବାର ଜିଲାରେ ସମସ୍ତ ବ୍ଲକ, ୩ଟି ବନ୍ୟା ଆଶ୍ରୟସ୍ଥଳୀ ଓ ଜିଲାସ୍ତରରେ ଚନ୍ଦନ ପୋଖରୀ ପରିସରରେ ଆୟୋଜିତ ହୋଇଯାଇଛି। ଜିଲାର ସମସ୍ତ ଅଗ୍ନିଶମ କେନ୍ଦ୍ର, ଓଡ୍ରାଫ ଓ ବେସାମରିକ ପ୍ରତିରକ୍ଷା ସଂସ୍ଥାର କର୍ମଚାରୀ ବିପର୍ଯ୍ୟୟ ମୁକାବିଲା କୌଶଳ ପ୍ରଦର୍ଶନ କରିଥିଲେ। ବ୍ଲକ ଓ ଆଶ୍ରୟସ୍ଥଳୀ ସ୍ତରରେ ହେଉଥିବା ମକ ଡ୍ରିଲ କାର୍ଯ୍ୟକ୍ରମର ତଦାରଖ କରିବା ପାଇଁ ଜିଲାରେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି।

# ଆମିଷ ବଜାରରେ ଚଢ଼ାଉ

ଜୟପୁର,୧୯।୬(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଦ୍ୱିତୀୟ ଦୈନିକ ବଜାରର ଆମିଷ ଦୋକାନରେ ବୁଧବାର ଉପଖଣ୍ଡ ପ୍ରଶାସନ ଚଢ଼ାଉ କରିଛି। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ନିର୍ଦ୍ଦେଶରେ ପାଖାପାଖି ୨୦ଟି ଆମିଷ ଦୋକାନରେ ଚଢ଼ାଉ ସହ ଓଜନ ଓ ମାପ ବିଭାଗ ମଧ୍ୟ ସେଠାରେ ଯାଞ୍ଚ କରିଛି। ୩ଟି ଦୋକାନରେ ଓଜନ ଉପକରଣ ନବୀକରଣ ହୋଇ ନଥିବା ଯୋଗୁ ମାମଲା ରୁଜୁ ସହ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ସୂଚନା ଅନୁଯାୟୀ, ଜୟପୁରରେ ଆମିଷ ଦରର ଅହେତୁକ ବୃଦ୍ଧି ଅଭିଯୋଗ ହେବା ପରେ ପ୍ରଶାସନ ଗତ ୬ ତାରିଖ ବୈଠକ ଡକାଇ ଆମିଷ ଦର ସ୍ଥିର କରିଥିଲା । କିନ୍ତୁ ପ୍ରଶାସନର ତାଗିଦ ପରେ ମଧ୍ୟ ବେପାରୀମାନେ ଏହାକୁ ଅମାନ୍ୟ କରିବା ସହ ପୂର୍ବଭଳି ଦରରେ ବିକ୍ରି ଚଳାଇଥିଲେ। ତେଣୁ ବୁଧବାର ୨ୟ ଦୈନିକ ବଜାରସ୍ଥିତ ଆମିଷ ବଜାର ଉପରେ



ଆମିଷ ବଜାରରେ ପ୍ରଶାସନର ମିଳିତ ଚଢାଉ ଚାଲିଛି ।

- ୩ ମାମଲା ରୁଜୁକଲା ପ୍ରଶାସନ
- ଜରିମାନା ଆଦାୟ
- ଆତଙ୍କିତ ବେପାରୀ

ତହସିଲଦାର ମାତାରମ ଲିୟାଙ୍ଗି ନେତୃତ୍ୱରେ ଓଜନ ଓ ମାପ, ପଶୁଧନ , ଖାଦ୍ୟ, ପୋଲିସ ଏବଂ ପୌରସଂସ୍ଥାର ସ୍ୱାସ୍ଥ୍ୟ ବିଭାଗ ମିଳିତ ଚଢ଼ାଉ କରିଥିଲା। ଓଜନ ଓ ମାପ ନିକିତିରେ ବ୍ୟାପକ ତ୍ରୁଟି ଥିବା ଯୋଗୁ ୨ଟି ଛେଳି ଏବଂ ଗୋଟିଏ କୁକୁଡ଼ା ମାଂସ ଦୋକାନରୁ ୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । କୋରାପୁଟ, ବୋରିଗୁମ୍ମା ଓ କୋଟପାଡ଼ରେ ଉଚିତ୍ ଦର ରହିଥିବା ବେଳେ ଜୟପୁର ବଜାରରେ ଅଧିକ ଦରରେ ଆମିଷ ବିକ୍ରି କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚଢ଼ାଉ କରିଥିବା ଦଳ ଚେତାବନୀ ଦେଇଛନ୍ତି। ଚଢ଼ାଉରେ ଏସିଏସ୍‌ଓ ରବିନାରାୟଣ ନନ୍ଦ, ଓଜନ ଓ ମାପ ବିଭାଗ ନିରିକ୍ଷକ ସମ୍ବିତ ଦାସ, ପଶୁଧନ ଅଧିକାରୀ ଡା. ଲିନି ଖାସ, ଖାଦ୍ୟ ନିରୀକ୍ଷକ ଜିତେନ୍ଦ୍ର ମହନ୍ତ, ପୋଲିସ ଏସ୍‌ଆଇ ସୁନିତା ବେହେରା, ପୌରସଂସ୍ଥା ପରିମଳ ଅଧିକାରୀ ଭୁବନୀ ଚନ୍ଦ୍ର ହାଲବା ଉପସ୍ଥିତ ଥିଲେ। କିନ୍ତୁ ସ୍ୱାସ୍ଥ୍ୟ ଅଧିକାରୀ ଓ ଫୁଡ ଇନ୍ସପେକ୍ଟର ଅନୁପସ୍ଥିତ ଥିବାରୁ ମାଂସର ମାନ ପରୀକ୍ଷା କରାଯାଇପାରି ନଥିଲା।

## ହାଟ ସଫେଇ କଲା ଡ୍ରାଇଭର ସଂଘ

ପଟ୍ଟାଙ୍ଗି,୧୯।୬(ଡି.ଏନ୍.ଏ.)

ପଟ୍ଟାଙ୍ଗି ଜଗନ୍ନାଥ ମନ୍ଦିର ନିକଟରେ ହେଉଥିବା ସାପ୍ତାହିକ ହାଟ ଓ ରାସ୍ତାକୁ ସଫେଇ କରିଛି ସ୍ଥାନୀୟ ମା' ଗାଙ୍ଗେଶ୍ୱରୀ ଡ୍ରାଇଭର ୟୁନିୟନ ସଂଘ। ବ୍ୟବସାୟୀମାନେ ହାଟ ସାରି ଫେରିଯିବା ପରେ କୁଢ଼ କୁଢ଼ ଅଳିଆ ପଡ଼ିରହୁଥିଲା। ଏହାକୁ ସଫା କରିବା ପାଇଁ କୌଣସି ବିଭାଗ ଉଦ୍ୟମ କରୁ ନଥିଲେ। ବୁଧବାର ଉପରୋକ୍ତ ସଂଘର ଡ୍ରାଇଭର ଏମ୍. ଉମା ମହେଶ୍ୱର ରାଓ, କାଳିଆ ମାଝୀ, ସୁକାନ୍ତ ମାଛ, ରବୀନ୍ଦ୍ର ଖରା, ଜଗା ବାଙ୍ଗା, ଗେମେଲ ସୁରି, ରାମ ଖିଲ, ବିନୋଦ ଗୁଣ୍ଡା, ପ୍ରୀତମ କାଡାମ, ପବିତ୍ର ବାଙ୍କା, ସୁରେନ୍ଦ୍ର ଗୁଣ୍ଡାଙ୍କ ନେତୃତ୍ୱରେ ସଫେଇ କରାଯିବା ସହ ଜାତୀୟ ରାଜପଥରେ ପଥଚାରୀଙ୍କୁ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା ପାଇବା ପାଇଁ ସଚେତନ କରାଯିବା ସହ ଥଣ୍ଡା ପାଣି ଓ ପଣା ଦିଆଯାଇଥିଲା।

## ଅଗ୍ନିଶମ ବିଭାଗର ମକ୍ ଡ୍ରିଲ

ପଟ୍ଟାଙ୍ଗି,୧୯।୬(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଏଫ୍‌ଆଇସି ସଭାଗୃହରେ ଅଗ୍ନିଶମ ବିଭାଗ ପକ୍ଷରୁ ବାତ୍ୟା ବନ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରାଯିବା ନେଇ ଏକ ସଚେତନତା ବୈଠକ ଆୟୋଜିତ ହୋଇଛି। ଏଥିରେ ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଏସ୍‌ଆଇ ବିନୟ ରୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶୁତୋଷ ପ୍ରଧାନ, ଅଗ୍ନିଶମ ବିଭାଗ ଏସ୍‌ଆଇ ବଳରାମ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ରଜନୀକାନ୍ତ ବଡ଼ନାୟକ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ଏସ୍‌ଆଇ ପ୍ରଧାନ ଓ ଅଗ୍ନିକ ସନ୍ତୋଷ ବେହେରା ମକ ଡ୍ରିଲ କରି ବଡ଼ବଡ଼ କୋଠା, ବନ୍ୟାଘେରରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା, ନିରାପଦ ଜାଗାକୁ ସ୍ଥାନାନ୍ତର କରିବା କୌଶଳ ଦେଖାଇଥିଲେ।

# ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର



ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଉଦ୍ଧାର କୌଶଳ ଦେଖାଉଛନ୍ତି ଅଗ୍ନିଶମ ବାହିନୀ ।

ବୈପାରୀଗୁଡ଼ା,୧୯।୬(ଡି.ଏନ୍.ଏ.)

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ହଲ୍‌ଠାରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି, ଉପାଧ୍ୟକ୍ଷ ତ୍ରିଲୋଚନ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ, ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସେଠାରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରିତିନିଧି ଓ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ସମୟରେ ମୁକାବିଲା କରିବାର କୌଶଳ ସଂପର୍କରେ ତାଲିମ ଦିଆଯାଇଥିଲା । ପରେ ବ୍ଲକ ପରିସରରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମୁକାବିଲାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ ।

# ୧୧୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ସେମିଳିଗୁଡ଼ା/ଦାମନଯୋଡ଼ି, ୧୯।୬(ସ୍ୱ.ପ୍ର./ଡି.ଏନ.ଏ.)

ସେମିଳିଗୁଡ଼ା ବ୍ଲକ୍‌ରେ ବୁଧବାର ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ଉପରକାଣ୍ଟି, ଦୁଧାରୀ, ହାଟଗୁଡ଼ା, ପରଜାମୁଠାଇ, ରଙ୍ଗା, ସାଡାମ୍, ସୋରିଷପଦର ଆଦି ୮ଟି ପଞ୍ଚାୟତର ୧୧୭ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଏହାସହ ଶୀତକାଳୀନ ଭତ୍ତା ୩୦୦ ଟଙ୍କା ଦିଆଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ



ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ଦେଉଛନ୍ତି ।

ପ୍ରିତମ୍ ପାଢ଼ୀ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ଉପଜିଲାପାଳ ଲଳିତ କହଁର, ବ୍ଲକ୍ ଅଧ୍ୟକ୍ଷ ଦିନେଶ ଖରା, ବିଡିଓ ତ୍ରିନାଥ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅନନ୍ତରାମ୍ ମାଟାମ୍, ଶାମ ହନ୍ତାଳ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଭେଟିଲେ ଏସ୍‌ଇସିସି ତାଲିକାରୁ ବାଦ୍ ପଡିଥିବା ପରିବାର

ବନ୍ଧୁଗାଁ,୧୯।୬(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକ ୧୩ଟି ପଞ୍ଚାୟତର ହଜାର ହଜାର ପ୍ରକୃତ ହିତାଧିକାରୀ ଏସ୍‌ଇସିସି ତାଲିକାରୁ ବଞ୍ଚିତ ହୋଇଛନ୍ତି । ୨୦୧୨ରେ ଏହି ତାଲିକା ପ୍ରସ୍ତୁତ ହୋଇଥିଲା। ସେଥିରେ ଛାତଘର ଥିବା, ଚାକିରିଆ, ଜମି ଥିବା ଓ ଆର୍ଥିକ ସ୍ୱଚ୍ଛଳ ଥିବା ପରିବାରଙ୍କ ନାମ ବହୁ ସଂଖ୍ୟାରେ ରହିଛି। ତାଲିକାରେ ଥିବା ପରିବାରଙ୍କୁ ଆବାସ ଦେବା ପାଇଁ ବାଧ ହେଉଛି ପଞ୍ଚାୟତ କାର୍ଯ୍ୟାଳୟ। ଘର ନ ଥିବା ଗରିବ ପରିବାର ପଞ୍ଚାୟତକୁ ଆସି ପିଏସ୍‌ଓ ଓ ସରପଞ୍ଚଙ୍କୁ ସାକ୍ଷାତ କରି ନାମ ନ ଥିବା ଶୁଣି ନିରାଶ ହୋଇ ଘରକୁ ଫେରୁଛନ୍ତି । ବଡ଼ ସରପଲ୍ଲୀ ପଞ୍ଚାୟତର ଏଲ୍‌ଙ୍ଗାବାଲସା ଓ ତଳପଟେସୁ ଗ୍ରାମର କାଡ୍ରାକା ଲାଛେୟା (ୱାର୍ଡମେମ୍ବର), କାଡ୍ରାକା ସମେୟାଙ୍କ ସହ ୭୨ ପରିବାର ଏନେଇ ବିଡିଓଙ୍କୁ ଦରଖାସ୍ତ ଲେଖି ଦେଇଛନ୍ତି। ବିଡିଓ ମନୋଜ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏସ୍‌ଇସିସି ତାଲିକାରେ ହିତାଧିକାରୀଙ୍କୁ ଯୋଗ କରିବା ପାଇଁ ପ୍ରତି ପଞ୍ଚାୟତରେ କ, ଖ, ଗ ଫର୍ମରେ ଲେଖିବାକୁ ପଞ୍ଚାୟତ କର୍ମୀଙ୍କୁ ଅବଗତ କରାଯାଇଛି।

# ବିପର୍ଯ୍ୟୟରୁ ଉଦ୍ଧାର ପାଇଁ ସଚେତନତା



ଲମତାପୁଟରେ ନିଆଁ ଲିଭାଇବା କୌଶଳ ଦେଖାଉଛି ଦମକଳ ବାହିନୀ ।

ଲମତାପୁଟ,୧୯।୬(ଡି.ଏନ୍.ଏ.)

ଲମତାପୁଟ ବ୍ଲକ ଅଗ୍ନିଶମ ବିଭାଗ ଦ୍ୱାରା ବୁଧବାର ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାଁ ଗହଳିରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ କିଭଳି ଭାବେ ବିପନ୍ନଙ୍କୁ ଉଦ୍ଧାର କରାଯିବ, ସେ ନେଇ ଏଥିରେ ସଚେତନ କରାଯାଇଥିଲା। ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ କର୍ମଚାରୀ ବୁଝାଇବା ସହ ପ୍ରାକ୍ଟିକାଲ କରି ଦେଖାଇଥିଲେ। ଘରେ ନିଆଁ ଲାଗିଲେ, ଗ୍ୟାସ୍ ଲିକ ହେଲେ, ଗଛ ପଡ଼ିଲେ ଏଥିରୁ ବର୍ତ୍ତିବା ପାଇଁ କି ପ୍ରକାର ପଦକ୍ଷେପ ନିଆଯିବ, ତାହା ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର, ତହସିଲଦାର ସ୍ନେହପ୍ରଭା ମାଝୀ, ଲେବର ଅଫିସର ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ, ଟେଣ୍ଡର ସରିଲା: ଖୋଲିଲାନି ଦୋକାନ ଘର

ଜୟପୁର,୧୯।୬(ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥା ପକ୍ଷରୁ ୨୦୧୫-୧୬ରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧ ନମ୍ବର ୱାର୍ଡ ଜୟନଗର ଛକରେ ୧୨ଟି ଦୋକାନ ଘର ତିଆରି କରାଯାଇଥିଲା। ପରେ ଟେଣ୍ଡର ଆହ୍ୱାନ ସହ ଲଟେରୀ ଦ୍ୱାରା ସେଥିରୁ ୯ଟି ଦୋକାନ ଘର ଆବଣ୍ଟନ ହୋଇଥିଲା। ଅନ୍ୟ ୩ଟି ଦୋକାନ ଘର ପାଇଁ କୌଣସି ଆବେଦନକାରୀ ଟେଣ୍ଡର ଦାଖଲ କରି ନଥିବା ଯୋଗୁ ଏହା ଦିଆଯାଇ ନାହିଁ। ଦୋକାନ ଘର ନିର୍ମାଣକୁ ୪ବର୍ଷ ହୋଇଥିବା ବେଳେ ଏହାକୁ ଟେଣ୍ଡର ଯୋଗେ ଦିଆଯିବାର ୧୦ ମାସ ହୋଇଗଲାଣି। କିନ୍ତୁ ଏହା ଏବେ ଅବ୍ୟବହୃତ ଭାବେ ପଡ଼ିଥିବା ବେଳେ ତୁରନ୍ତ ରକ୍ଷଣାବେକ୍ଷଣ ନହେଲେ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା ପ୍ରକାଶ ପାଇଛି।

ଦୋକାନଗୃହ ଟେଣ୍ଡର ମାଧ୍ୟମରେ ପାଇଥିବା ଆବେଦନକାରୀଙ୍କଠାରୁ



ଅବ୍ୟବହୃତ ହୋଇ ପଡିରହିଥିବା ଦୋକାନ ଘର ।

ନିର୍ଦ୍ଧାରିତ ଜମାନତ ଟଙ୍କା ପୈଠ କରିବା ସହ ମାସିକ ୫୬୭ ଟଙ୍କା ଭଡା ବାବଦକୁ ପୈଠ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ପୌରପରିଷଦ ଦୋକାନ ଘର ତାଲା ଖୋଲୁନାହିଁ କିମ୍ବା ଟେଣ୍ଡର ପାଇଥିବା ଆବେଦନକାରୀଙ୍କୁ ଦିଆଯାଉ ନାହିଁ। ଏନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଜଣାଇଥିଲେ ସୁଦ୍ଧା ପୌରସଂସ୍ଥା ଓ କର୍ମଚାରୀଙ୍କ ଅଣଦେଖା ମନୋଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଟେଣ୍ଡର ପାଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି । ସେହିପରି ଏହି ଦୋକାନ ଗୃହ ସମ୍ମୁଖ ପ୍ଲାଟଫର୍ମ ପୌରସଂସ୍ଥା ପକ୍ଷରୁ ସିମେଣ୍ଟ କଂକ୍ରିଟ କରାଯାଇ ନଥିବା ଯୋଗୁ ବର୍ଷା ହେଲେ କାଦୁଅ ଏବଂ ଖରାରେ ପଡ଼ି ରହିଛି । ଏହାର ତୁରନ୍ତ ମରାମତି କରିବା ଆବଶ୍ୟକତା ରହିଛି। ପୌର କାର୍ଯ୍ୟାଳୟର ସ୍ଥାୟୀ ଅଧିକାରୀ ନଥିବା ଯୋଗୁ ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ପାଳଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନିର୍ଦ୍ଦେଶନାମା ଦେବା ପରେ ଟେଣ୍ଡର ପାଇଥିବା ଆବେଦନକାରୀ ଦୋକାନଗୃହ ଖୋଲିବାରେ ସମସ୍ୟା ନାହିଁ। କିନ୍ତୁ ତାଲା କିଏ ଦେଇଛନ୍ତି, ତାହା ଯାଞ୍ଚ ପରେ ଜଣାପଡିବ। ପ୍ରକାଶଯେ, ନିର୍ମାଣ ଶେଷ ହେବାର ୨ବର୍ଷ ପରେ ୨୦୧୭ ଜୁନ ୧୯ରେ ଲଟେରୀ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା । କିନ୍ତୁ ଏଥିରେ ଥିବା ହାଇକୋର୍ଟଙ୍କ ରହିତାଦେଶ ଉଠିବା ପରେ ୨୦୧୮ ଅକ୍ଟୋବର ୯ରେ ସମସ୍ତ ଆବେଦନକାରୀଙ୍କୁ ନିର୍ଦ୍ଦେଶନାମା ଦିଆଯାଇଥିଲା।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜୁନ୍ ୨୦/୨୦୧୯ Rayagada, Thursday, June 20 / 2019


## ସଂକ୍ଷେପରେ

### ରକ୍ତଦାନ ଶିବିର

**ବାଲିମେଳା/କୋରକୋଣ୍ଡା, ୧୯।୬ (ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଡାକ୍ତରଖାନାର ଡାକ୍ତର, ବ୍ଲକ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ସରସ୍ୱତୀ ଶିଶୁମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସହ ଓ ଜନସାଧାରଣ ସାମିଲ ହୋଇ ରକ୍ତଦାନ କରିଥିଲେ। ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୪୬ ଜଣ ରକ୍ତଦାନ କରିଥିଲେ। ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ହୋଇଥିବା ଏହି ଶିବିରରେ ବିଭାଗୀୟ ସିଡିପିଓ ସିପ୍ରାରାଣୀ ମିଶ୍ର ଉପସ୍ଥିତ ଥିଲେ। ମାଲକାନଗିରି ବ୍ଲଡ୍ ବ୍ୟାଙ୍କର ସନ୍ତୋଷ ଚୌଧୁରୀ, ସୁପନ ରୟ,ମନ ଖେମୁଡ, କୋରକୋଣ୍ଡା ସିଡିପିଓ ଦାୟିତ୍ୱରେ ଥିବା ଶାନ୍ତି କୁରୁସୁଧା ପଟ୍ଟନାୟକ, ସଙ୍ଗୀତା ପାଢ଼ୀ, ରୀତାରାଣୀ ରାଉତ ଓ କୌଶଲ୍ୟା ମିନ୍ଧା ସହଯୋଗ କରିଥିଲେ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବିପତ୍ର

**ମାଲକାନଗିରି, ୧୯।୬ (ସ୍ୱ.ପ୍ର.):** ଅବିଭକ୍ତ କୋରାପୁଟ ଜିଲାର ଯେ କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ବୁଧବାର ମାଲକାନଗିରି ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ନୃସିଂହ ଚରଣ ମହାନ୍ତିଙ୍କ ନେତୃତ୍ୱରେ ସଂଘର ଓକିଲମାନେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଆଇନମନ୍ତ୍ରୀ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଏଥିରେ ଦର୍ଶାଇଛନ୍ତି ଯେ, କୋରାପୁଟ ଜିଲାରେ ୧୯୪୦ରେ ସବ ଜଜ୍‌କୋର୍ଟ ପ୍ରତିଷ୍ଠିତ ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲାରେ ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଭଳି ଆଦିବାସୀ ଅଧୁଷିତ ଜିଲା ରହିଛି। ଏଠାକାର ୭୦ଭାଗ ଲୋକ ବିପିଏଲ ତାଲିକାଭୁକ୍ତ। ଗରିବ ଶ୍ରେଣୀର ଲୋକ ରହିଥିବାରୁ ସେମାନେ ନ୍ୟାୟ ପାଇଁ ସୁଦୂର ହାଇକୋର୍ଟ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ବିଚାରକୁ ନେଇ ଅବିଭକ୍ତ କୋରାପୁଟ ଜିଲାର ଯେ କୌଣସି ସ୍ଥାନ ରେ ହାଇକୋର୍ଟ ର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବିପତ୍ରରେ କୁହାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଲମ୍ବୋଧର ତୁରୁକ, ପବିତ୍ର ମୋହନ ରଥ, ଦୁର୍ଗା ପଣ୍ଡା, ଭକ୍ତ ବନିକ ଉପସ୍ଥିତ ଥିଲେ।



ମାଲକାନଗିରି ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି।



ଚିତ୍ରକୋଣ୍ଡାରେ ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ୍ ସିଲିଣ୍ଡରରୁ ନିଆଁଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

# ସରିଲା ଜିଲାସ୍ତରୀୟ ମକ୍‌ଡ୍ରିଲ

**ମାଲକାନଗିରି/ଚିତ୍ରକୋଣ୍ଡା/ବାଲିମେଳା/କୋରକୋଣ୍ଡା,୧୯।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବାଲିସାଗରଠାରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲାସ୍ତରୀୟ ମକ୍‌ଡ୍ରିଲର ସାମୂହିକ ଅଭ୍ୟାସ ଶେଷ ହୋଇଛି। ସହକାରୀ ଅଗ୍ନିଶ୍ରମ ଅଧିକାରୀ ଗୁପ୍ତେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଅଗ୍ନିଶ୍ରମ କର୍ମଚାରୀ ମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ବିପଦରେ ପଡିଥିବା ଜନସାଧାରଣ ଏବଂ ପଶୁପକ୍ଷୀଙ୍କୁ ଉଦ୍ଧାର କରାଯାଇପାରିବ ସେନେଇ ସାମୂହିକ କୌଶଳ ପ୍ରଦର୍ଶନ କରିଥିଲେ। ପାଣି ଭିତରେ ଯଦି କୌଣସି ବ୍ୟକ୍ତି ଜଳ ବନ୍ଦୀ କିମ୍ବା ବୁଡି ଯାଉଥାଏ ତୁରନ୍ତ କିପରି ତାଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରାଯାଇପାରିବ କର୍ମଚାରୀ ମାନେ ମୋଟର ବୋଟ ଯୋଗେ ତାର କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଜଳବନ୍ଦୀ ଘେରରେ ଥିବା ଲୋକଙ୍କ ନିକଟରେ କିପରି ତୁରନ୍ତ ଖାଦ୍ୟ ଏବଂ ରିଲିଫ ସାମଗ୍ରୀ ପହଞ୍ଚାଯାଇପାରିବ ତାହା ମଧ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା।। କୌଣସି ଯାନବାହନ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତା ଅବରୋଧ ହୋଇଥିଲେ ଏବଂ ଯାନବାହନ ଯାତାୟାତ କରୁଥିବା ଓ ଦୁର୍ଘଟଣାରେ ପଡିଥିବା ଲୋକଙ୍କୁ କିପରି ସହାୟତା ଯୋଗାଇଦେଇ ହେବ ସେସମ୍ପର୍କରେ କର୍ମଚାରୀମାନେ ପ୍ରତ୍ୟକ୍ଷ ଜ୍ଞାନ କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ବାଲିସାଗର ଚତୁଃପାର୍ଶ୍ୱରେ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ୭ମ ବାଟାଲିୟନ ଓଡ୍ରାଫର ଇନ୍ସପେକ୍ଟର ସପନ କୁମାର ସରକାର, ଅଗ୍ନିଶମ ବିଭାଗ ଅଧିକାରୀ ଗୁପ୍ତେଶ୍ୱର ଦାସ, ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରା, କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲାପାଳ ଶଶାଙ୍କ ମିଶ୍ର, ଦୁର୍ଗା ପ୍ରସାଦ ଦୋରା, ଜଗଦୀଶ କାର୍ତ୍ତାମି, ରାମକୃଷ୍ଣ ନାୟକ, ଅତିରିକ୍ତ ତହସିଲଦାର ଦୁର୍ଯ୍ୟୋଧନ ସାହୁଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଚିତ୍ରକୋଣ୍ଡା ବ୍ଲକରେ ଅଗ୍ନିଶମ ସେବା ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ସ୍ୱିଲୱା ଲଞ୍ଚ ଘାଟ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲରିମନ ଖରସେଲ, ତହସିଲଦାର ଟି.ପଦ୍ମନାଭ ଦୋରା, ଥାନା ଅଧିକାରୀ ରାମ ପ୍ରସାଦ ନାଗ ଅତିଥି ରୂପେ ଉପସ୍ଥିତ ଥିଲେ। ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା ଅଧ୍ୟକ୍ଷତା କରିଥିଲେ। ବ୍ଲକ ସ୍ତରୀୟ ସମସ୍ତ ଗ୍ୟାସରେ ନିଆଁ ଲାଗିଗଲେ ନିଆଁକୁ କିପରି ଆୟତ୍ତ କରିବା, ଘରେ ନିଆଁ ଲାଗିଲେ କିପରି ଲୋକଙ୍କୁ ଉଦ୍ଧାର କରିବା, ପାଣିରୁ ଲୋକଙ୍କୁ ଉଦ୍ଧାର କରିବା ସହ ଅନ୍ୟାନ୍ୟ କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଧୀରେନ ଖଣ୍ଡାଗିରି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତରଞ୍ଜନ ବେହେରା, ବିପିଏମ ପର୍ଶୁରାମ ବେହେରା, ବିଏଲସି ସୋମନାଥ କୁମ୍ଭାର, ଆରଆଇ ରୁଦ୍ର ପ୍ରସାଦ ଗୌଡ଼, ନାରାୟଣ ମହାରଣାଙ୍କ ସମେତ ବିଭାଗୀୟ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଜନସାଧାରଣ ଉପସ୍ଥିତ ଥିଲେ।



କୋରକୋଣ୍ଡାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋରକୋଣ୍ଡା ବ୍ଲକ ପରିସରରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପୂର୍ବ ପ୍ରସ୍ତୁତି ଏବଂ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦାସରଥ ସରାଙ୍ଗୁ, ମେଡିକାଲ ଅଫିସର ସୁବ୍ରତ ଜେନା ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ନେଇ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ସଚେତନ କରାଯିବ, ପ୍ରଶାସନ କିପରି ପ୍ରସ୍ତୁତ ରହିବ, ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ପ୍ରଶାସନ ପକ୍ଷରୁ କିପରି ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବା ସହ ଓଡ୍ରାଫ୍, ଅଗ୍ନିଶମ,ସ୍ୱାସ୍ଥ୍ୟ ବିଭାଗ ଓ ଯୋଗାଣ ବିଭାଗର କାର୍ଯ୍ୟ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଶିବିରରେ ଜନସାଧାରଣ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ରାଜୀବ ପୂଜାରୀ ଓ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ମାଲକାନଗିରି,୧୯।୬ (ଡି.ଏନ୍.ଏ.)**

ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଘଟଣାରେ ମାଲାକାନଗିରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଆଇଆଇସି ରଞ୍ଜନ କୁମାର ସାହୁଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ତାର୍ଲାକୋଟାରେ ପଢୁଥିବା ଜଣେ ଛାତ୍ରୀ ନିଜ ଗ୍ରାମ ଗୌଡଗୁଡାକୁ ଛୁଟିରେ ଆସିଥିଲେ। ସେ ନିଜ ମା'ଙ୍କ ସହ ମଙ୍ଗଳବାର ମାଲକାନଗିରି ସାପ୍ତାହିକ ହାଟକୁ ଆସି ଘରକୁ ଫେରୁଥିବା ସମୟରେ ଏମ୍.ଭି.-୧୧ ଗ୍ରାମର ବାଗା ବିଶ୍ୱାସ ଓରଫ ହରିଦାସ ସମ୍ପୃକ୍ତ ନାବାଳିକାଙ୍କ ମା'ଙ୍କୁ କହିଥିଲେ ତୁମେ ବ୍ୟାଗ ଧରି ଯାଉଛ, ଚାଲିକି ଆସ, ମୁଁ ଝିଅକୁ ନେଇ ତମ ଘରେ ଛାଡିଦେବି। ଏକଥାରେ ବାଗାଙ୍କୁ ବିଶ୍ୱାସ କରି ସେ ଝିଅକୁ ତାଙ୍କ ସାଥିରେ ଛାଡିଥିଲେ। ବାଗା ସମ୍ପୃକ୍ତା ନାବାଳିକାଙ୍କୁ ଘରେ ନ ଛାଡି ନିକଟରେ ଥିବା ଏକ ନବନିର୍ମିତ ଗୃହକୁ ନେଇ ସେଠାରେ ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଘରେ ପହଞ୍ଚିବା ପରେ ନାବାଳିକା ଜଣକ ସବୁକଥା ତାଙ୍କ ମା'ଙ୍କୁ କହିଥିଲେ। ପରେ ସମ୍ପୃକ୍ତା ନାବାଳିକାଙ୍କ ମା'ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୩୨/୧୯ରେ ମାମଲା ରୁଜୁ କରି ବାଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ବାଗାଙ୍କ ନାମରେ ମଇଁଷି ଚୋରି, ରାସ୍ତାରେ ଯାଉଥିବା ପ୍ରେମୀ ଯୁଗଳଙ୍କୁ ବାଟରେ ଅଟକାଇ ଜୋର ଜବରଦସ୍ତ ଅର୍ଥ ଆଦାୟ କରିବା ଭଳି ଅଭିଯୋଗ ରହିଛି।

## ୪ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୧୯।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ପୋଲିସଙ୍କ ନିକଟରେ ବୁଧବାର ୪ଜଣ ମାଓବାଦୀ ଦାନ୍ତେୱାଡା ଏସପି ଅଭିଷେକ ପଲ୍ଲବଙ୍କ ନିକଟରେ ବନ୍ଧୁକ ସହ ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ଧର୍ମଗଡ ଏରିଆ କମାଣ୍ଡର ସଦସ୍ୟ ଗୁଡ୍ଡୁ ଓରଫ ସୁରେଶ ଓରଫ ବାସୁଦେବ। ତାଙ୍କ ଘର ଦୋରାଗୁଡା ଗ୍ରାମରେ। ସେହିପରି ବିଜାପୁର ଜିଲା ମିରତୁର ଥାନା ବେଚାପାଲ ଗ୍ରାମର ଦିଲୀପ ପୁନେମ, ଏହି ଥାନା ଅନ୍ତର୍ଗତ ପାଲେବାୟା ଗ୍ରାମର ଲଛମନ କୁଟାମି, ଓ ଦାନ୍ତେୱାଡା ଜିଲା କୁମୁରିଗୁଣ୍ଡା ଥାନା ଅନ୍ତର୍ଗତ ବାସୁରି ଗ୍ରାମର ସୁନାରାମ। ଏହି ମାଓବାଦୀଙ୍କ ନାମରେ ଓଡିଶା ସରକାରଙ୍କ ପକ୍ଷରୁ ୮ ଲକ୍ଷ ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ମାଓବାଦୀଙ୍କ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିଥିବା କହିଛନ୍ତି।

## ମାଲକାନଗିରି: ୨ ମାଓବାଦୀ ଗିରଫ

**ମାଲକାନଗିରି,୧୯।୬(ଡି.ଏନ୍.ଏ.):** ସୀମାନ୍ତ ଚିନ୍ତାଗୁଫାଠାରେ ୨ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ଏମାନେ ୨୦୦୭ ଗୁରୁପାଲଠାରେ ପୋଲିସ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ବୋଲି ଏଏସ୍‌ପି ସିଦ୍ଧାର୍ଥ ତିୱାରୀ, ଏସ୍‌ଡିପିଓ ପ୍ରତୀକ ଚତୁର୍ବେଦୀ କହିଛନ୍ତି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ୧୦ଫୁଟ ତଳକୁ ଖସିଲା ପିକ୍ଅପ୍

**ପାରଳାଖେମୁଣ୍ଡି, ୧୯।୬ (ସ୍ୱ.ପ୍ର.) :** ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ନିକଟସ୍ଥ ନନ୍ଦିଙ୍ଗ ନାଳରେ ଏକ ମ୍ୟାକ୍ସ ପିକ୍ଅପ୍ ନଂ-(ଓଆର୍ ୦୭କେ-୫୪୪୪) ଦୁର୍ଘଟଣା ଗ୍ରସ୍ତ ହୋଇ ପ୍ରାୟ ୧୦ଫୁଟ ତଳକୁ ଖସିଯାଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗାଡ଼ିଟି ସିମେଣ୍ଟ ଖମ୍ବ ବୋଝେଇ ଅଡବାରୁ ପାଣିଗଣ୍ଡା ଅଭିମୁଖେ ଯାଉଥିଲା । ତେବେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ନାଳର ଗାର୍ଡୱାଲ୍‌ରେ ଧକ୍କାଦେବା ଫଳରେ ଗାର୍ଡୱାଲ୍ ଭାଙ୍ଗି ଗାଡିଟି ପ୍ରାୟ ୧୦ଫୁଟ ଗଭୀରକୁ ଖସିପଡ଼ିଥିଲା । ତେବେ ଗାଡ଼ିଟି ଭାଙ୍ଗିଥିଲେ ମଧ ଗାଡ଼ିରେ ବସିଥିବା କୌଣସି ବ୍ୟକ୍ତିଙ୍କ ଜୀବନହାନି ଘଟି ନ ଥିବା ଜଣାପଡିଛି । ତେବେ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଉକ୍ତ ରାସ୍ତାକୁ ଚଉଡ଼ା କରିବାପାଇଁ ଅଞ୍ଚଳବାସୀ ଦାବି କରିଥିବା ଜଣାପଡିଛି ।

### ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

**ଚନ୍ଦ୍ରପୁର, ୧୯।୬ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦର ମହକୁମାରେ ଭୋଳେଶ୍ୱର ମନ୍ଦିର ପ୍ରତିଷ୍ଠା ଆସନ୍ତା ୨୩ ତାରିଖରେ କରାଯିବ। ଏହା ୪ଦିନ ଧରି ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଦୟାନିଧି ପାତ୍ର ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରବିବାର ଅଙ୍କୁରାରୋପଣ, ସୋମବାର ଗଙ୍ଗା ଆବାହନ, ମଙ୍ଗଳବାର ପ୍ରାତଃ ନାମ ଯଜ୍ଞାରମ୍ଭ, ସୌରାଗ୍ନି ସ୍ଥାପନ ଓ ହୋମ, ବୁଧବାର ଦେବତା ପ୍ରବେଶ, ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି, ବିସର୍ଜନ କରାଯିବ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି କମିଟିର ସୁବ୍ରତ ମଣ୍ଡଳ, କବିରାଜ ପାତ୍ର, ପଙ୍କଜ ଦଣ୍ଡସେନା, ପ୍ରଶାନ୍ତ ପ୍ରଧାନ, ଚନ୍ଦ୍ରହାସୁ ଦଳପତି, ପ୍ରଭାକର ପାତ୍ର କହିଛନ୍ତି। ଏଥିସହ ଅଷ୍ଟପ୍ରହରି, କୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିସହ ଶ୍ରଦ୍ଧାଳୁ ଉଲ୍ଲାସ ହରିଚନ୍ଦନ କରୁଥିବା ସିରିଡି ସାଇ ଓ ଗ୍ରାମବାସୀ ନିର୍ମାଣ କରିଥିବା ତ୍ରିନାଥ ମନ୍ଦିର ମଧ ପ୍ରତିଷ୍ଠା କରାଯିବ।

# ରାଜସ୍ଥାନରେ ବନ୍ଧକ ୫ ଦାଦନ

## ଉଦ୍ଧାର ପାଇଁ ଶ୍ରମ ନିରୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ପରିବାର

**ରାୟଗଡ଼ା ଅଫିସ, ୧୯।୬**

ଦାଦନ ଖଟିବାକୁ ଯାଇ ବିଷମକଟକ ବ୍ଲକ ଦୁକୁମ ପଞ୍ଚାୟତ ପିପଲପଙ୍ଗା ଓ ନିରୁଗୁଣ୍ଡି ଗାଁର ୫ଜଣ ଶ୍ରମିକ ରାଜସ୍ଥାନରେ ଦୀର୍ଘ ୫ମାସ ହେବ ବନ୍ଧକ ପଡିଛନ୍ତି। ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଛି। ଏ ନେଇ ବୁଧବାର ଦାଦନ ଶ୍ରମିକଙ୍କ ପରିବାର ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କୁ ସେଠାରୁ ଉଦ୍ଧାର କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ରାଜସ୍ଥାନରେ ଥିବା ଦାଦନ ଶ୍ରମିକମାନେ ହେଲେ ପିପଲପଙ୍ଗା ଗାଁର ମହେନ୍ଦ୍ର କୁଟ୍ରୁକା, ଦେବେନ୍ଦ୍ର ହିକ୍କା ଓ ପ୍ରତାପ କେରିଗୁଡା ଓ ନିରୁଗୁଣ୍ଡି ଗାଁର ଶ୍ରୀପତି କୁଟ୍ରୁକା ଓ କବିର କୁଟ୍ରୁକା।

ପ୍ରକାଶ ଯେ, ଗତ ଫେବୃୟାରୀ ୧୧ରେ ପିପଲପଙ୍ଗାର ୫ ଓ ନିରୁଗୁଣ୍ଡି ଗାଁର ୩ଜଣ ଦାଦନ ଖଟିବାକୁ ରାଜସ୍ଥାନ ଯାଇଥିଲେ। ରାଜସ୍ଥାନର ଝୁନଝୁନ ଜିଲା ଭିସାବ ସହରରେ ଏକ ରେଳଧାରଣା ପ୍ଲେଟ ନିର୍ମାଣ କାରଖାନାରେ ସମସ୍ତଙ୍କୁ ମାସିକ ୯ହଜାର ଟଙ୍କାରେ ରଖେଇଦେବାକୁ କହି ଜେକେପୁର ଅଞ୍ଚଳର ମାନସ ନାମକ ଜଣେ ଦଲାଲ ସେମାନଙ୍କୁ ଗାଁରୁ ନେଇଥିଲେ। ଦରମା ସହ ଦିନକୁ ୩ଥର ଖାଇବା ଓ ମାଗଣା ରହଣି ବ୍ୟବସ୍ଥା କରାଯିବ ବୋଲି ମାନସ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେଠାକୁ ଯିବା ପରେ ସେମାନଙ୍କୁ ଏକ ଭଙ୍ଗା କୁଡିଆରେ ରଖାଯିବା ସହ ଦିନକୁ ଦୁଇଓଳା ନିମ୍ନମାନର ଖାଇବା ଦିଆଯାଇଥିଲା। ଦରମା ବାବଦକୁ କୌଣସି ପାଉଣା ପ୍ରଦାନ କରାଯାଇ ନାହିଁ। ଏହାଛଡ଼ା ଦିନକୁ ୧୫ରୁ ୧୬ଘଣ୍ଟା ହାଡଭଙ୍ଗା କାମ କରାଯାଉଥିଲା। ଏହା ସହ୍ୟ କରିନପାରି ପିପଲପଙ୍ଗାର ୨ ଓ ନିରୁଗୁଣ୍ଡି ଗ୍ରାମର ଜଣେ ଶ୍ରମିକ ସେଠାରୁ ଚଳିତ ମାସ ୩ତାରିଖରେ ଲୁଚିକି ଚାଲି ଆସିଥିଲେ। ଏହାପରେ ଅନ୍ୟମାନଙ୍କୁ କାରଖାନା ପକ୍ଷରୁ ଆଉ ଛଡା ଯାଉନାହିଁ। ରାଜସ୍ଥାନରେ କାମ କରୁଥିବା ଶ୍ରମିକଙ୍କ ବିଷୟରେ ଭଲମନ୍ଦ ପଚାରି ବୁଝିବାକୁ ଦଲାଲ ମାନସଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଉଛି। କିନ୍ତୁ ସେ ତାଙ୍କ ମୋବାଇଲ (୯୯୩୮୮୪୨୪୧୨) ଉଠାଉ ନଥିବା ନେଇ ବୁଧବାର ମହେନ୍ଦ୍ର, ପ୍ରତାପ ଓ ଦେବେନ୍ଦ୍ରଙ୍କ ମା' ବାପା ଜିଲା ଶ୍ରମ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ପୁଅମାନଙ୍କୁ ସେଠାରୁ ଉଦ୍ଧାର କରିବାକୁ ସେ ନିବେଦନ କରିଛନ୍ତି। ତେବେ ଶ୍ରୀପତି ଓ କବିରଙ୍କ ପରିବାର ପକ୍ଷରୁ କେହି ଅଭିଯୋଗ କରିବାକୁ ଆସି ନ ଥିଲେ। ଘଟଣାର ଅନୁସନ୍ଧାନ କରି ପୋଲିସକୁ ଜଣାଯିବା ସହ ଶ୍ରମିକମାନଙ୍କୁ ସେଠାରୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯିବ ବୋଲି ଗ୍ରାମ୍ୟ ଶ୍ରମ ନିରୀକ୍ଷକ ସଞ୍ଜୟ ରୟତ କହିଛନ୍ତି।



ଶ୍ରମ ନିରୀକ୍ଷକଙ୍କୁ ଭେଟିବାକୁ ଆସିଥିବା ଦାଦନ ଶ୍ରମିକଙ୍କ ପରିବାର।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ବୈଠକ

**କାଶୀନଗର, ୧୯।୬ (ଡି.ଏନ୍.ଏ.)**

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ସଂପର୍କରେ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କାଶୀନଗର ବ୍ଲକ୍ ଅନ୍ତର୍ଗତ ସରାପୁରରେ ଏକ ବ୍ଲକ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଣବ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିପର୍ଯ୍ୟୟ ପ୍ରଶମନ ବିଭାଗ ଜେନେରାଲ୍ ମ୍ୟାନେଜର୍ ଦୁର୍ଗା ଚରଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା ସଂପର୍କରେ ବୁଝାଇଥିଲେ। ବ୍ଲକ୍ ଅଧକ୍ଷ ଚତ୍ରୀ ସିମାଦ୍ରୀ ବ୍ଲକ୍‌ର ସମସ୍ତ ସମିତିସଭ୍ୟ, ସରପଞ୍ଚମାନେ ସଜାଗ ରହି କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ବିପର୍ଯ୍ୟୟ ପରିଚାଳନା ଟିମ୍ ପକ୍ଷରୁ ଭୂପତି ଲକ୍ଷ୍ମୀପୁର ଓ ଖାଣ୍ଡବାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ କରାଯାଇଥିଲା। ସମସ୍ତ ଜନସାଧାରଣ ଏହାର ସଦୁପଯୋଗ କରିବାକୁ ନିବେଦନ କରିଥିଲେ। ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ଉପାଧକ୍ଷା କେ.ଜୟା ଓ ବ୍ଲକ୍‌ର ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# କୌଶଳ ଦେଖାଇଲେ ଅଗ୍ନିକ

## ବିପର୍ଯ୍ୟୟ ମୁକାବିଲା

**ପାରଳାଖେମୁଣ୍ଡି, ୧୯।୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ସମ୍ମିଳନୀ ଗୃହଠାରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଜିଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଓ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ ଅଧକ୍ଷତା କରି ଗଜପତି ଜିଲାରେ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ରହିଛି, ବିଗତ କିଛି ବର୍ଷ ମଧରେ ନିୟମିତ ଭାବେ ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ କ୍ଷୟକ୍ଷତି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାପାଇଁ ପ୍ରସ୍ତୁତ ହୋଇ ରହିବା ସହ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତି କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ । ମୁଖ୍ୟତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀ କିପରି ସତର୍କ ରହିବା ଆବଶ୍ୟକ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନେ ସୂଚନା ଦେଇଥିଲେ । ଯୋଗାଣ ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ସମିତିକୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନେବାକୁ ପଡ଼ିଥାଏ । ତେଣୁ ଏହି ସବୁ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କିପରି ପ୍ରସ୍ତୁତ ରହିଛନ୍ତି ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସେହିପରି ଅଗ୍ନିଶମ ବାହିନୀ କିପରି ପ୍ରସ୍ତୁତି କରିଛନ୍ତି ସେନେଇ ଏକ ମକ୍ ଡ୍ରିଲ୍ ମଧ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର, ଆଶୁ ଚିକିତ୍ସା, ରାସ୍ତା ସଫେଇ, କଟର ମେସିନରେ ଗଛ କାଟିବା ଇତ୍ୟାଦି ବିଷୟରେ ନମୁନା ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଜିଲା ଜରୁରୀ କାଳିନ ଅଧିକାରୀ ସତ୍ୟସମର୍ପ୍ପା ରାଉତ, ସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ. ପାତ୍ର, ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଅଗ୍ନିଶମ ବିଭାଗ କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରୁଛନ୍ତି।

## ଭାଜପାରେ ମିଶିଲେ ବିଭିନ୍ନ ଦଳର ୫୦ କର୍ମୀ

**ପାରଳାଖେମୁଣ୍ଡି, ୧୯।୬ (ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜୀବା ପଞ୍ଚାୟତର ଅନୁବୁଡି ଗ୍ରାମର ପ୍ରାୟ ୫୦ଜଣ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦେଇଥିବା ଜଣାପଡିଛି । କର୍ମୀମାନେ ପୂର୍ବରୁ ରହିଥିବା ଦଳ ଉପରେ ଭରସା ତୁଟାଇ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କ ଉପରେ ଆସ୍ଥା ପ୍ରକଟକରି ଭାଜପାରେ ସାମିଲ ହୋଇଥିବା ଜଣାପଡିଛି । ଏହି ମିଶ୍ରଣ ପର୍ବ ଦ୍ୱାରା ଭାଜପା ଗୁମ୍ମା ବ୍ଲକ୍ ଏବଂ ଜିଲାରେ ଅଧିକ ଶକ୍ତିଶାଳୀ ହେବା ସହ ସଂଗଠନ ଅଧିକ ସୁଦୃଢ ହେବ ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି । ମିଶ୍ରଣ ପର୍ବରେ ଗିସି ଶବର, ଅଜନ୍ୟ ଶବର, ଲାବ ଗମାଙ୍ଗ, ଏ. ଭୂୟାଁ, ସିମିଓ ଗମାଙ୍ଗ, ଜୁବିନାଶ ଭୂୟାଁ, ଜନ୍ ଶବର, କାର୍ତ୍ତୀକ ଭୂୟାଁ ଜିଲା ଭାଜପାରେ ଯୋଗଦେଇଛନ୍ତି । ଏଥିରେ ଜିଲା ଭାଜପା ସଭାପତି ଜି. ଭେଙ୍କଟ ରାବଣା, ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ରଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ବିଜୁଳି ଚାଲିଗଲେ ସନ୍ତୁଳି ହେଉଛନ୍ତି ରୋଗୀ

### ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍, କାମ କରୁନି ଜେନେରେଟର୍

**ଜିଲା ଚିକିତ୍ସାଳୟ**

**ପାରଳାଖେମୁଣ୍ଡି, ୧୯।୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସବୁବେଳେ ବିଦ୍ୟୁତ୍ ସମସ୍ୟା ଲାଗିରହୁଥିବା ଅଭିଯୋଗ ହେଉଛି। ଖରା ଦିନରେ ମଧ ବିଦ୍ୟୁତ୍ କାଟରୁ ନିସ୍ତାର ନାହିଁ। ଅସହ୍ୟ ତାତି ଓ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ ସମସ୍ୟା ଯୋଗୁ ରୋଗୀ ଡାକ୍ତରଖାନାରେ ହନ୍ତସନ୍ତ ହେଉଛନ୍ତି। ଏହା ଜିଲାର ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ମଧ ଏଠାରେ ଜେନେରେଟର କାର୍ଯ୍ୟ କରୁନାହିଁ। ବୁଧବାର ସହରରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହୋଇଥିବାବେଳେ ମୁଖ୍ୟ ଚିକିତ୍ସାଳୟରେ ସେତିକି ସମୟ ବିଭିନ୍ନ ସମସ୍ୟା ସାମ୍ନା କରିଥିଲେ ରୋଗୀ ଓ ସମ୍ପର୍କୀୟ। ଜେନେରେଟର୍ ନଥିବା ଯୋଗୁ ଉଦୁଉଦିଆ ଖରାବେଳେ ରୋଗୀମାନେ ବେଡ୍‌ରେ ବିନା ପଙ୍ଖାରେ ଛଟପଟ ହୋଇ ପଡିରହୁଛନ୍ତି । ଏହି ଚିକିତ୍ସାଳୟ ଉପରେ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳର ରୋଗୀ ଏବଂ ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶର ଲୋକେ ମଧ ନିର୍ଭରଶୀଳ। ଏବେ ବିଭିନ୍ନ ଚିକିତ୍ସାଳୟରେ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏପରି ବିଦ୍ୟୁତ ସମସ୍ୟାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ, ସେ ଟେକ୍ନିସିଆନ୍‌ଙ୍କୁ କୁହନ୍ତୁ ବୋଲି କହିଥିଲେ । ପରେ ଗଜପତି ଜିଲାପାଳ ଅନୁପମ ସାହାଙ୍କୁ ଯୋଗାଯୋଗ କରିବାରେ, ସେ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି ।



ପାରଳାଖେମୁଣ୍ଡି ବିଧାୟକଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦେଇଛନ୍ତି।

**■ପାଇକକୁପାଖାଲ ଗାଁରେ ପାନୀୟ ଜଳ ସମସ୍ୟା**

# ପାଣି ପ୍ରକଳ୍ପ ଥାଇ ବି ଅକାମୀ

**ଟିକିରି, ୧୯।୬(ଡି.ଏନ୍.ଏ.)**

- ■ଅଚଳ ହୋଇ ପଡି ରହିଛି ଅନେକ ନଳକୂପ
- ■ଝରଣା ପାଣି ବ୍ୟବହାର କରି ରୋଗରେ ପଡୁଛନ୍ତି ଗ୍ରାମବାସୀ

ରାୟଗଡା ଜିଲା କାଶୀପୁର ବ୍ଲକର ପାଇକକୁପାଖାଲ ଗ୍ରାମର ବଫଲାମାଳି ଖଣି ପ୍ରଭାବିତ ଅଞ୍ଚଳରେ ଲାଗି ରହିଛି ବିଭିନ୍ନ ସମସ୍ୟା। ଗାଁରେ ନାହିଁ ପାଣି ସୁବିଧା। ଗାଁରେ ଥିବା ଅନେକ ନଳକୂପ ଏବେ ଅଚଳ। ଏଥିଯୋଗୁ ଗ୍ରାମବାସୀ ଝରଣା ଉପରେ ନିର୍ଭରଶୀଳ। ସେହି ପାଣି ଗାଧୋଇବା ଓ ପିଇବା ଉଭୟ କାମ ପାଇଁ ବ୍ୟବହାର କରୁଛନ୍ତି। ଗାଁରେ ପାନୀୟ ଜଳ ପ୍ରକଳ୍ପଟିଏ ରହିଛି, କିନ୍ତୁ ତାହା ଅଧାପନ୍ତରିଆଭାବେ ପଡି ରହିଛି। ଅଚଳ ନଳକୂପ ମରାମତି ଓ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ପାଇକକୁପାଖାଲ ଗ୍ରାମରେ ପ୍ରାୟ ୨୦୦ ପରିବାର ବସବାସ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ଗ୍ରାମରେ ୯ଟି ନଳକୂପ ଖୋଳା ଯାଇଥିଲା। କିନ୍ତୁ ଗତ କିଛିଦିନ ହେଲା ୬ଟି ନଳକୂପ ଅଚଳ ହୋଇପଡିଛି। ନଳକୂପ ମରାମତି ନିମନ୍ତେ ବହୁବାର ଅଭିଯୋଗ କରିବା ପରେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ୭ମାସ ତଳେ ପାହାଡ ଉପରେ ଥିବା ଉଚ୍ଚସ୍ଥାନରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ବୋରୱେଲ ମଧ ଖୋଳାଯାଇଛି। କିନ୍ତୁ ପାଣି ମୋଟର ବସାଯାଇନାହିଁ। ବିଦ୍ୟୁତ୍ ସଂଯୋଗର କୌଣସି ସୁବିଧା କରାଯାଇନାହିଁ। ଗ୍ରାମବାସୀ ପ୍ରକଳ୍ପ ଯୋଗେ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ପାଣି ଟାଙ୍କି କାମ ସାରିବା ପରେ କାମ କରୁଥିବା ଠିକାଦାର ଜଣକ ଗ୍ରାମକୁ ଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଇକ କୁପାଖାଲ ଗାଁର ପାଇକ ସାହିରେ ୬୦ଟି ପରିବାର ପାଇଁ ୪ଟି ନଳକୂପ ଖୋଳାଯାଇଥିଲା। କିନ୍ତୁ ୪ଟି ଯାକ ନଳକୂପ ଏବେ ଅଚଳ। ଲୋକେ ପାଣି ପାଇଁ ନିକଟସ୍ଥ ସ୍କୁଲ ଉପରେ ନିର୍ଭର କରୁଛନ୍ତି। ସେହିପରି ହରିଜନ ସାହିର ୩ଟି ନଳକୂପରୁ ୨ଟିରେ ଗୋଳିଆ ପାଣି ବାହାରୁଛି। କେବଳ ଆଦିବାସୀ ସାହିରେ ଥିବା ୨ଟି ନଳକୂପରୁ ପାଣି ବାହାରୁଛି। ଗାଁର ସବୁ ସାହିରେ ପାନୀୟଜଳ ସଙ୍କଟ ଦେଖାଦେଇଥିବାରୁ ଲୋକେ ବାଧ ହୋଇ ଝରଣାର ଦୂଷିତ ପାଣି ପିଉଛନ୍ତି ବୋଲି ଶଙ୍କର ନାଏକ, ଦୁଃଖୀ ମାଝି, ଲକ୍ଷ୍ମଣ ନାଏକଙ୍କ ସମେତ ଗ୍ରାମବାସୀ କହିଛନ୍ତି। ତୁରନ୍ତ ଅଚଳ ନଳକୂପ ମରାମତି କରିବା ସହ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦିଗରେ ଜିଲାପାଳ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଗାଁରେ ଅଚଳ ହୋଇ ପଡି ରହିଥିବା ଏକ ନଳକୂପ।



ଗାଁ ରେ ଥିବା ପାନୀୟ ଜଳ ପ୍ରକଳ୍ପ।

# ମକ୍‌ଡ୍ରିଲ୍‌ରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା









ରାୟଗଡ଼ା, ଗୁଣପୁର ଓ ରାମନାଗୁଡ଼ାଠାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରୁଛନ୍ତି।

**ରାୟଗଡା ଅଫିସ୍/ ରାମନାଗୁଡ଼ା/ ମୁନିଗୁଡ଼ା/ ଗୁଣପୁର/ କଲ୍ୟାଣସିଂହପୁର/ ବିଷମକଟକ, ୧୯।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବୁଧବାର ସାମ୍ଭାବ୍ୟ ବନ୍ୟା ବାତ୍ୟାର ମୁକାବିଲା ପାଇଁ ବ୍ଲକସ୍ତରୀୟ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ବନ୍ୟା ବାତ୍ୟା ମୁକାବିଲା ସମ୍ବନ୍ଧୀୟ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହାଛଡ଼ା ବହୁତଳ ପ୍ରାସାଦରେ ଅଗ୍ନିକାଣ୍ଡ ଘଟିଲେ କିପରି ମୁକାବିଲା କରିବାକୁ ହେବ, ସେ ନେଇ କୌଶଳ ପ୍ରଦର୍ଶନ କରାଯାଇଛି। ଗ୍ୟାସ ଟାଙ୍କି କିଣିବା ବେଳେ ତାହାର ଅବଧି ସମୟ ଦେଖି କିଣିବାକୁ ପରାମର୍ଶ ଦିଆଯାଇଥିଲା। ବନ୍ୟା ଓ ବାତ୍ୟା ବେଳେ ନିକଟସ୍ଥ ଶେଲଟର ଗୃହ, ସ୍କୁଲ କିମ୍ବା କୌଣସି ଉଚ୍ଚସ୍ଥାନକୁ ଯିବାକୁ ପରାମର୍ଶ ଦିଆଯାଇଥିଲା।

ରାୟଗଡ଼ା ଜିସିଡି ପଡିଆରେ ଅନୁଷ୍ଠିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ସୁଧାକର ଶବର, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଜରୁରିକାଳୀନ ଅଧିକାରୀ ସୁବ୍ରତ ପାଣିଗ୍ରାହୀ, ବିଡିଓ ରାଜେନ୍ଦ୍ର ମାଝି, ତହସିଲଦାର ଉମାଶଙ୍କର ବେହେରା, ଡାକ୍ତର ଏଲ୍.ଏନ୍. ସାହୁ ଏବଂ ପୌର ପରିଷଦର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ର ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି, ଆଶାଦିଦି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

ରାମନାଗୁଡ଼ା ବ୍ଲକରେ ଅନୁଷ୍ଠିତ ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଅଗ୍ନିଶମ ଅଧିକାରୀ ଲକ୍ଷ୍ମୀଚରଣ ମହାପାତ୍ର, ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ବିଡିଓ ସୁଧାକର ରଇତ, ତହସିଲଦାର ଜୟଶ୍ରୀ ମଲ୍ଲିକ, ଉପାଧକ୍ଷ ସୂର୍ଯ୍ୟରାଓ କୁମ୍ବିରିକାଙ୍କ ସହ ସମସ୍ତ ପଞ୍ଚାୟତ ସରପଞ୍ଚ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ବିଏସ୍‌ଏସ୍‌ଓ ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁନିଗୁଡ଼ାରେ ତହସିଲଦାର ଦେବାଶିଷ ଗୌଡ଼ ଓ ଅତିରିକ୍ତ ତହସିଲଦାର ଆୟୁବ ମଣ୍ଡଳଙ୍କ ମିଳିତ ସଂଯୋଜନାରେ ଏହି ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ଏପିଓ ମାନସୀ ପାତ୍ର, ମୁଖ୍ୟ କିରାଣି ଅରୁଣ ଷଡଙ୍ଗୀ, ଥାନା ଏସ୍‌ଆଇ ନୀଳାଦ୍ରି କହଁର, ସରପଞ୍ଚ ଜଗା ଶବର ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଚକ୍ରଧର କଅଁର, ପ୍ରେମାନନ୍ଦ ରଣା, ଦିଲୀପ ପ୍ରଧାନ, ପଦ୍ମନ ଜେନା, ଦିଲୀପ ସେଠୀ, ତରଣୀ ନାୟକ, ରୁବୁନା ଗୌଡ଼ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

ଗୁଣପୁର ସହର ବିକ୍ରମପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ତହସିଲଦାର ନମ୍ରତା ମୋଦି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଓଡ୍ରାଫ୍ ଟିମ୍ ପ୍ରାକୃତିକ ବିପର୍ଯ୍ୟୟରେ କିପରି ଉଦ୍ଧାର କାର୍ଯ୍ୟ କରାଯିବା ସେ ନେଇ କୌଶଳ ଦେଖାଇଥିଲେ।

କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ବିଡିଓ ଅନୁ ପଣ୍ଡା, ତହସିଲଦାର ସହଦେବ କୁଟ୍ରୁକା, ମେଡିକାଲ ଅଫିସର ଚିନ୍ମୟ ଲିମା, ଅଗ୍ନିଶମ ଅଧିକାରୀ ସୁମିତ୍ରା ବ୍ରହ୍ମା, ବ୍ଲକ ଅଧକ୍ଷ ଯୋଗେନ୍ଦ୍ର ୱାଡକାଙ୍କ ସମେତ ସମସ୍ତ ପଞ୍ଚାୟତ ସରପଞ୍ଚ, ପିଇଓ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ।

ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବିଜୁ ଯୁବବାହିନୀ ସଦସ୍ୟମାନେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ରଣ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଡିଓ ଆଲବର୍ଟ ଲାକଡା, ଏବିଡିଓ ଗୁଲାମ ମକସୁଦ, ବିଇଓ ଜୟଚନ୍ଦ୍ର ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ସବ୍‌ଇନ୍ସପେକ୍ଟର ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ମକ୍‌ଡ୍ରିଲ୍ ପରିଚାଳିତ ହୋଇଥିଲା।